# ଦିଲ୍ଲୀର ତାପମାତ୍ରା ୪୩.୭ ଡିଗ୍ରୀ ସେଲସିୟସ୍

**ନୂଆଦିଲ୍ଲୀ,୨୨।୫/ଏଜେନ୍ସି :** ଶୁକ୍ରବାର ଦିନ ଦୁଇଟା ସୁଦ୍ଧା ଦିଲ୍ଲୀର ତାପମାତ୍ରା ୪୩.୭ ଡିଗ୍ରୀ ସେଲସିୟସ୍ ଥିବା ରେକର୍ଡ କରିଛି ପାଣିପାଗ କାର୍ଯ୍ୟାଳୟ । ଅପରାହ୍ଣ ୫ଟା ସୁଦ୍ଧା ତାପମାତ୍ରା ୪୫ ଡିଗ୍ରୀକୁ ବୃଦ୍ଧି ପାଇଥିଲା । ଆଗାମୀ ଦିନରେ ଦିଲ୍ଲୀରେ ଅଧିକ ପରିମାଣର ତାପମାତ୍ରା ଅନୁଭୂତ ହେବ ବୋଲି ପାଣିପାଗ ପୂର୍ବାନୁମାନ କରିଛି । ପଶ୍ଚିମ ରାଜସ୍ଥାନର ଚୁରୁ ଜିଲ୍ଲାରେ ସର୍ବାଧିକ ୪୬.୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି । ସୋମବାର ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ତାପମାତ୍ରା ଅଧିକ ରହିବ ବୋଲି ପାଣିପାଗ ରିପୋର୍ଟରୁ ପ୍ରକାଶ । ରବିବାର ପର୍ଯ୍ୟନ୍ତ ମଧ୍ୟପ୍ରଦେଶ, ବିଦର୍ଭ ଓ ତେଲଙ୍ଗାନାର ତାପମାତ୍ରା ଅଧିକ ରହିବ । ତା' ସହିତ ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ, କର୍ଣ୍ଣାଟକର ଉତ୍ତରାଞ୍ଚଳ, ତାମିଲନାଡୁ, ପୁଡୁଚେରୀ ଓ କରାଇକାଲରେ ମଧ୍ୟ ତାପମାତ୍ରା ଅସହ୍ୟ ହେବ । ଇତିମଧ୍ୟରେ ସାମୁଦ୍ରିକ ଝଡ଼ ଅମ୍ଫନ ବାଂଲାଦେଶର ଉତ୍ତର ଆଡ଼କୁ ଗତି କରି ସମ୍ପୂର୍ଣ୍ଣ ଦୁର୍ବଳ ହୋଇସାରିଛି ।